# NATIONAL NEWS BULLETIN (ODIA)
## 1 April - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ସୁପ୍ରିମକୋର୍ଟ ମଧ୍ୟପ୍ରଦେଶର ବିବାଦୀୟ ଭୋଜଶାଳା ଓ କମାଲ ମଉଲା ମସଜିଦ ପରିସରରେ ଚାଲିଥିବା ସର୍ବେକ୍ଷଣ ଉପରେ ସ୍ଥଗିତାଦେଶ ଲାଗୁ କରିବାକୁ ମନା କରିଛନ୍ତି ।
- ଦେଶର ପ୍ରତିରକ୍ଷା ରପ୍ତାନୀ ୨୦୨୩-୨୪ରେ ୨୧ ହଜାର କୋଟି ଟଙ୍କାକୁ ଅତିକ୍ରମ କରିଯାଇଛି ।
- ମାର୍ଚ୍ଚ ମାସରେ ଜି.ଏସ୍.ଟି. ରାଜସ୍ୱ ଆଦାୟ ୧ ଲକ୍ଷ ୭୮ ହଜାର କୋଟି ଟଙ୍କା ରହିଛି ।
- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଝଡ଼ରେ କ୍ଷତିଗ୍ରସ୍ତ ପଶ୍ଚିମବଙ୍ଗ, ଆସାମ ଓ ମଣିପୁରର ମୁଖ୍ୟମନ୍ତ୍ରୀ ମାନଙ୍କ ସହ କଥାବାର୍ତ୍ତା କରିଛନ୍ତି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ' ରାଜସ୍ଥାନ ରୟାଲ୍ସକୁ ଭେଟିବ ।

# ଏସ୍.ସି–ଭୋଜଶାଳା ସର୍ଭେ

ସୁପ୍ରିମକୋର୍ଟ ମଧ୍ୟପ୍ରଦେଶର ଧର୍ ଜିଲ୍ଲାରେ ବିବାଦୀୟ ଭୋଜଶାଳା ଓ କମାଲ ମଉଲା ମସଜିଦ ପରିସରରେ ଚାଲିଥିବା ସର୍ବେକ୍ଷଣ ଉପରେ ସ୍ଥଗିତାଦେଶ ଲାଗୁ କରିବାକୁ ମନା କରିଛନ୍ତି। ସେଠାରେ ଖନନ କାର୍ଯ୍ୟ ଜାରି ରହିଛି। କୋର୍ଟଙ୍କ ସମ୍ମତିକ୍ରମେ ଭାରତୀୟ ପ୍ରତ୍ନତତ୍ତ୍ୱ ଏହି କାର୍ଯ୍ୟ କରୁଛି।

ଜଷ୍ଟିସ ହୃଷିକେଶ ରୟ ଓ ପି.କେ ମିଶ୍ରଙ୍କ ଖଣ୍ଡପୀଠ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶରେ କହିଛନ୍ତି, ଅଦାଲତଙ୍କ ଅନୁମତି ବିନା ଏ.ଏସ୍.ଆଇ ସର୍ବେକ୍ଷଣ ଫଳାଫଳକୁ ଭିତ୍ତି କରି କୌଣସି କାର୍ଯ୍ୟ ହେବା ଉଚିତ ନୁହେଁ। ଏକ ସ୍ପଷ୍ଟୀକରଣରେ ଖଣ୍ଡପୀଠ କହିଛନ୍ତି, ବିବାଦୀୟ ସ୍ଥଳୀରେ ପରିବର୍ତ୍ତନ ହେବାଭଳି କୌଣସି ଖନନ ହେବା ଉଚିତ ନୁହେଁ। ସୁପ୍ରିମକୋର୍ଟ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୁଦ୍ଧରେ ହୋଇଥିବା ଆବେଦନ ଉପରେ ନୋଟିସ ପଠାଇଛନ୍ତି। ମଧ୍ୟପ୍ରଦେଶ ହାଇକୋର୍ଟ ଭୋଜଶାଳା ଓ କମାଲ ମଉଲା ମସଜିଦର ବିବଦୀୟ ସ୍ଥଳୀରେ ସର୍ବେକ୍ଷଣ ପାଇଁ ଏ.ଏସ୍.ଆଇ.କୁ ନିର୍ଦ୍ଦେଶ ଦେଇଥିଲେ। ଗତ ମାସ ୧୧ ତାରିଖରେ ହାଇକୋର୍ଟଙ୍କ ଇନ୍ଦୋର ଖଣ୍ଡପୀଠ ଧର୍ ଜିଲ୍ଲାର ଭୋଜଶାଳା ମସଜିଦ୍‌ରେ ସର୍ବେକ୍ଷଣ ପାଇଁ ଏ.ଏସ୍.ଆଇ.କୁ ନିର୍ଦ୍ଦେଶ ଦେଇଥିଲେ। ୬ ସପ୍ତାହ ମଧ୍ୟରେ ତାଜା ରିପୋର୍ଟ ଦେବାକୁ ହାଇକୋର୍ଟ ଏ.ଏସ୍.ଆଇ.କୁ

କହିଥିଲେ। ହିନ୍ଦୁ ଧର୍ମାବଲମ୍ବୀମାନେ ଭୋଜଶାଳାକୁ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ବିଭାଗର ଏକ ସଂରକ୍ଷିତ ଏକାଦଶ ଶତାବ୍ଦୀ ମନ୍ଦିର ଭାବେ ବିବେଚନା କରୁଛନ୍ତି। ସେହି ମନ୍ଦିର ବାଗ୍‌ଦେବୀ ଅର୍ଥାତ୍ ସରସ୍ୱତୀଙ୍କ ମନ୍ଦିର ଥିବାର ସେମାନେ କହୁଛନ୍ତି। ଅନ୍ୟପକ୍ଷରେ ମୁସଲମାନ ଧର୍ମାବଲମ୍ବୀମାନେ ତାହାକୁ କମାଲ ମଉଲା ମସଜିଦ କହୁଛନ୍ତି। ୧ ହଜାର ୩୪ ମସିହାରେ ହିନ୍ଦୁ ଧର୍ମର ଭୋଜ ରାଜା  ଭୋଜଶାଳା ଠାରେ ବାଗ୍‌ଦେବୀଙ୍କ ମୂର୍ତ୍ତି ସ୍ଥାପନ କରିଥିଲେ। ୧୮ ଶହ ୭୫ ମସିହାରେ ବ୍ରିଟିଶ ଶାସକ ସେହି ପ୍ରତିମୂର୍ତ୍ତିକୁ ଲଣ୍ଡନ ନେଇଯାଇଥିବାର ହିନ୍ଦୁ ଧର୍ମାବଲମ୍ବୀମାନେ କହୁଛନ୍ତି। ୨୦୦୩ ଏପ୍ରିଲ ୭ ତାରିଖରେ ଏ.ଏସ୍.ଆଇ. ଦ୍ୱାରା ହୋଇଥିବା ରାଜିନାମା ଅନୁସାରେ, ମୁସଲମାନ ମାନେ ସେଠାରେ ଶୁକ୍ରବାର ପ୍ରାର୍ଥନା କରୁଥିବାବେଳେ ହିନ୍ଦୁମାନେ ମଙ୍ଗଳବାର ଦିନ ଭୋଜଶାଳା ପରିସରରେ ପୂଜା କରୁଛନ୍ତି।

## ରାଜନାଥ- ଡିଫେନ୍ସ ଏକ୍ସପୋର୍ଟ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ପ୍ରଥମଥର ପାଇଁ ଦେଶର ପ୍ରତିରକ୍ଷା ରପ୍ତାନୀ ୨୦୨୩-୨୪ରେ ୨୧ ହଜାର କୋଟି ଟଙ୍କାକୁ ଅତିକ୍ରମ କରିଯାଇଛି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ସିଂ କହିଛନ୍ତି, ପୂର୍ବ ଆର୍ଥିକ ବର୍ଷ ତୁଳନାରେ ପ୍ରତିରକ୍ଷା ରପ୍ତାନୀ ଶତକଡ଼ା ୩୨ ଭାଗ ଅଭିବୃଦ୍ଧି ହାସଲ କରିଛି। ସେ କହିଛନ୍ତି, ଭାରତର ପ୍ରତିରକ୍ଷା ଉତ୍ପାଦନ  ଓ ରପ୍ତାନୀ ବୃଦ୍ଧି ପାଇଁ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନେକ

ପଦକ୍ଷେପ ନେଇଛି। ମନ୍ତ୍ରୀ କହିଛନ୍ତି, ଦେଶର ପ୍ରତିରକ୍ଷା ଶିଳ୍ପ ମଧ୍ୟରେ ବେସରକାରୀ କ୍ଷେତ୍ର ଓ ପ୍ରତିରକ୍ଷା ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଅନ୍ତର୍ଭୁକ୍ତ। ଗତ କିଛି ବର୍ଷ ଧରି ସେଗୁଡ଼ିକ ଅଭୁତପୂର୍ବ ସଫଳତା ହାସଲ କରିଛି। ପ୍ରତିରକ୍ଷା ଉତ୍ପାଦନରେ ଏଭଳି ସଫଳତା ପାଇଁ ସେ ଏହା ସହ ଜଡ଼ିତ ସବୁ ପକ୍ଷକୁ ଅଭିନନ୍ଦନ ଜଣାଇଛନ୍ତି।

## ବିଜେପି ମେନିଫେଷ୍ଟ ମିଟିଂ

ବିଜେପି ନିର୍ବାଚନ ଇସ୍ତାହାର କମିଟି ବୈଠକ ନୂଆଦିଲ୍ଲୀସ୍ଥିତ ପାର୍ଟି ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଆଗାମୀ ଲୋକସଭା ନିର୍ବାଚନ ପାଇଁ କମିଟି ପାର୍ଟିର ଇସ୍ତାହାରକୁ ଚୂଡ଼ାନ୍ତ କରିବ । ପାର୍ଟି ନେତା ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ୨୭ ଜଣିଆ କମିଟିର ଏହା ପ୍ରଥମ ବୈଠକ । ପାର୍ଟି ନେତା ନିର୍ମଳା ସୀତାରମଣ ବୈଠକର ଆବାହକ ଥିବାବେଳେ ପୀୟୁଷ ଗୋଏଲ ସହ-ଆବାହକ ରହିଛନ୍ତି ।

ଇତିମଧ୍ୟରେ କଂଗ୍ରେସ କେନ୍ଦ୍ରୀୟ ନିର୍ବାଚନ କମିଟିର ଆଜି ନୂଆଦିଲ୍ଲୀରେ ବୈଠକ ବସି ତେଲେଙ୍ଗାନା ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀମାନଙ୍କର ନାମ ଚୂଡାନ୍ତ କରାଯାଇଛି । ପାର୍ଟି ସଭାପତି ମଲ୍ଲିକାର୍ଜୁନ ଖଡଗେ, ପାର୍ଟି ନେତା ସୋନିଆ ଗାନ୍ଧୀ, ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ଓ ଅନ୍ୟ ନେତାମାନେ ବୈଠକରେ ଯୋଗ ଦେଇଥିଲେ।

## ବିଜେପି ଜଏନିଂ

କେନ୍ଦ୍ରପଡ଼ା ସାଂସଦ ଅନୁଭବ ମହାନ୍ତି ଆଜି ବିଜେପିରେ ଯୋଗ ଦେଇଛନ୍ତି। ଏହି ସମୟରେ ବିଜେପି ସାଧାରଣ ସମ୍ପାଦକ ବିନୋଦ ତାଓ୍ୱଡ଼େ ଉପସ୍ଥିତ ଥିଲେ। କିଛି ଦିନ ପୂର୍ବେ ସେ ବିଜେଡିରୁ ଇସ୍ତଫା ଦେଇଥିଲେ।

## ମଷ୍ଟ ଆନାଉନ୍ସମେଣ୍ଟ

ଆମର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ୯ଟା ୩୦ମିନିଟ୍‌ରେ ଆମେ "Ease of Filing Income Tax Return" – "ଆୟକର ରିଟର୍ଣ୍ଣ ପ୍ରକ୍ରିୟାର ସରଳୀକରଣ" ଶୀର୍ଷକ ଆଲୋଚନାର ପ୍ରଚାର କରିବୁ । ଆୟକର କମିଶନର ଧରମବୀର ସିଂ ଓ ଚାଟାର୍ଡ ଆକାଉଣ୍ଟାଣ୍ଟ  ସଞ୍ଜୀବ ନାରାୟଣ ଆଲୋଚନାରେ ଅଂଶଗ୍ରହଣ କରିବେ। କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କ ପ୍ରଶ୍ନ ପଚାରିପାରିବେ । ଏଥିପାଇଁ ସେମାନଙ୍କୁ **011 - 23421050** ଓ **011 - 23314444** ନମ୍ବରକୁ ଡାଏଲ କରିବାକୁ ହେବ । ଏହାବ୍ୟତୀତ ସେମାନେ 92890-94044 ନମ୍ବରକୁ ହ୍ୱାଟ୍ସଆପ୍ ମେସେଜ୍ କରି ପ୍ରଶ୍ନ ପଚାରିପାରିବେ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇପାରିବ। ଏହା ବ୍ୟତୀତ ନ୍ୟୁଜ୍ ଅନ୍ ଏୟାର ଡଟ୍ ଜି.ଓ.ଭି. ଡଟ୍ ଇନ୍ ଓ ନ୍ୟୁଜ୍ ଅନ୍ ଏୟାର ଅଫିସିଆଲରେ ଏହା ଉପଲବ୍ଧ ହେବ ।

## ଜିଏସ୍‌ଟି-କଲେକସନ୍

ମାର୍ଚ୍ଚ ମାସରେ ଜି.ଏସ୍.ଟି. ରାଜସ୍ୱ ଆଦାୟ ୧ ଲକ୍ଷ ୭୮ ହଜାର କୋଟି ଟଙ୍କା ରହିଛି। ପୂର୍ବ ବର୍ଷର ସେହି ସମୟ ତୁଳନାରେ ତାହା ଶତକଡ଼ା ୧୧ ଭାଗ ଅଧିକ। ଅର୍ଥ ମନ୍ତ୍ରଣାଳୟ କହିଛି, ଦେଶୀୟ କାରବାର ଶତକଡ଼ା ୧୭ ଦଶମିକ ୬ ଭାଗ ହେବାରୁ ଜି.ଏସ୍.ଟି ରାଜସ୍ୱରେ ଏଭଳି ବୃଦ୍ଧି ଘଟିଛି। ଗତ ଆର୍ଥିକ ବର୍ଷ ପାଇଁ ହାରାହାରି ମାସିକ ଜି.ଏସ୍.ଟି. ଆଦାୟ ୧ ଲକ୍ଷ ୬୮ ହଜାର କୋଟି ଟଙ୍କା ରହିଛି। ତାହା ପୂର୍ବ ବର୍ଷ ହାରାହାରି ମାସିକ ଜି.ଏସ୍.ଟି. ଆଦାୟ ୧ ଲକ୍ଷ ୫୦ ହଜାର କୋଟି ଟଙ୍କା ଥିଲା।

ମନ୍ତ୍ରଣାଳୟ କହିଛି, ମାର୍ଚ୍ଚ ମାସରେ ନେଟ୍ ଜି.ଏସ୍.ଟି ରାଜସ୍ୱ ରିଫଣ୍ଡ ୧ ଲକ୍ଷ ୬୫ ହଜାର କୋଟି ଟଙ୍କା ରହିଛି। ଯାହା ପୂର୍ବ ବର୍ଷ ତୁଳନାରେ ଶତକଡ଼ା ୧୮ ଦଶମିକ ୪ ଭାଗ ଅଧିକ।

## ପିଏମ୍-କଚାତିବୁ

ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଚାତିବୁ ଦ୍ୱୀପ ପ୍ରସଙ୍ଗରେ ଡି.ଏମ୍.କେର ସମାଲୋଚନା କରିଛନ୍ତି । ସେ କହିଛନ୍ତି ତାମିଲନାଡୁର ସ୍ୱାର୍ଥ ରଖିବା ପାଇଁ ଡି.ଏମ୍.କେ କୌଣସି ପଦକ୍ଷେପ ନେଇନାହିଁ । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି କଚାତିବୁ

ପ୍ରସଙ୍ଗରେ ମିଳୁଥିବା ନୂଆ ନୂଆ ତଥ୍ୟ ଡି.ଏମ୍.କେର ଦୋହରା ମନୋଭାବକୁ ପଦାରେ ପକାଇଦେଇଛି । ୧୯୭୪ ମସିହାରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା । ସେତେବେଳେ ତତ୍କାଳୀନ କଂଗ୍ରେସ ସରକାରଙ୍କ ଦ୍ୱାରା କଚାତିବୁ ଦ୍ୱୀପକୁ ଶ୍ରୀଲଙ୍କାକୁ ଦିଆଯାଇଥିଲା । ପ୍ରଧାନମନ୍ତ୍ରୀ ଗଣମାଧ୍ୟମର ଏକ ରିପୋର୍ଟକୁ ଉଲ୍ଲେଖ କରିଛନ୍ତି । ସେହି ରିପୋର୍ଟ ଅନୁସାରେ ଏମ୍. କରୁଣାନିଧି ତାମିଲନାଡୁର ମୁଖ୍ୟମନ୍ତ୍ରୀ ଥିବାବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏ ବିଷୟରେ ତାଙ୍କ ସହ ବିଚାରବିମର୍ଷ କରିଥିଲେ ଓ ଏଥିପାଇଁ ଶ୍ରୀ କରୁଣାନିଧି ସମ୍ମତି ପ୍ରଦାନ କରିଥିଲେ । ଶ୍ରୀ ମୋଦୀ କହିଛନ୍ତି କଂଗ୍ରେସ ଓ ଡି.ଏମ୍.କେ ପାରିବାରିକ ଦଳ ଓ ସେମାନେ କେବଳ ନିଜର ବଂଶଜମାନଙ୍କର ଉତ୍ଥାନ ପାଇଁ କାର୍ଯ୍ୟ କରୁଛନ୍ତି । କଚାତିବୁ ପରେ ସେମାନଙ୍କର ଉଦାସୀନ ଭାବ ଗରିବ ମତ୍ସ୍ୟଜୀବୀମାନଙ୍କ ସ୍ୱାର୍ଥ ପ୍ରତି ଘୋର୍ କ୍ଷତି ପହଞ୍ଚାଇଛି ।

ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତା ତଥା ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ମଧ୍ୟ ଡି.ଏମ୍.କେର ସମାଲୋଚନା କରିଥିଲେ । ସେ କହିଥିଲେ ଡି.ଏମ୍.କେ ଶ୍ରୀଲଙ୍କାକୁ କଚାତିବୁ ଦିଆଯିବା ଉପରେ ପ୍ରଶ୍ନ ଉଠାଇଛି । ଡି.ଏମ୍.କେ ସହ ଏ ସଂକ୍ରାନ୍ତରେ ପରାମର୍ଶ

କରାଯାଇ ନଥିଲା ବୋଲି ପାର୍ଟି କହୁଛି । କିନ୍ତୁ ପ୍ରକୃତରେ ଡି.ଏମ୍.କେକୁ ସବୁକିଛି ଜଣାଥିଲା ।

## ଶାହା-ଷ୍ଟର୍ମ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଝଡ଼ରେ କ୍ଷତିଗ୍ରସ୍ତ ପଶ୍ଚିମବଙ୍ଗ, ଆସାମ ଓ ମଣିପୁରର ମୁଖ୍ୟମନ୍ତ୍ରୀ ମାନଙ୍କ ସହ କଥାବାର୍ତ୍ତା କରିଛନ୍ତି। ସେହି ରାଜ୍ୟ ଗୁଡ଼ିକୁ ସମସ୍ତ ସମ୍ଭାବ୍ୟ ସହାୟତା ଦେବାକୁ ସେ ଆଶ୍ୱାସନା ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି, ଝଡ଼ ଯୋଗୁଁ ସେହି ରାଜ୍ୟ ଗୁଡ଼ିକରେ ଘଟିଥିବା କ୍ଷୟକ୍ଷତି ପାଇଁ ସେ ଚିନ୍ତା ପ୍ରକଟ କରୁଛନ୍ତି। ମୃତ୍ୟୁବରଣ କରିଥିବା ଲୋକମାନଙ୍କ ପରିବାରବର୍ଗଙ୍କୁ ସେ ଶୋକବାର୍ତ୍ତା ଜଣାଇଛନ୍ତି ଓ ଆହତ ମାନଙ୍କର ଆଶୁଆରୋଗ୍ୟ କାମନା କରିଛନ୍ତି।

## କୋର୍ଟ କେଜରିୱାଲ

ଦିଲ୍ଲୀର ଏକ ଅଦାଲତ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କୁ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ନ୍ୟାୟିକ ହାଜତକୁ ପଠାଇଛନ୍ତି । ଗତମାସ ୨୧ ତାରିଖରେ ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ତାଙ୍କୁ ଗିରଫ କରିଥିଲା । ରାଉଜ୍ ଆବେନ୍ୟୁ କୋର୍ଟର ସ୍ୱତନ୍ତ୍ର ସି.ବି.ଆଇ ଜଜ୍ କାବେରୀ ବାବେଜା ଏହି ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ କେଜରିୱାଲଙ୍କ ଇଡି ହାଜତ ରହଣି ସମୟ ପୁରିଯିବାରୁ ତାଙ୍କୁ ଆଜି କୋର୍ଟରେ ହାଜର କରାଯାଇଥିଲା । ପୂର୍ବରୁ ଗତ

ମାସ ୨୨ ତାରିଖରେ ନିମ୍ନ ଅଦାଲତ ତାଙ୍କୁ ୬ ଦିନ ପାଇଁ ଇଡି ହାଜତକୁ ପଠାଇଥିଲେ । ପରେ ତାଙ୍କ ହାଜତ ରହଣି ସମୟ ଆଉ ୪ ଦିନ ସମ୍ପ୍ରସାରଣ କରାଯାଇଥିଲା ।

ଶ୍ରୀ କେଜରିୱାଲ ୯ଥର ଇଡିର ସମନକୁ ଏଡାଇଥିଲେ । ଦିଲ୍ଲୀ ମାଦକଦ୍ରବ୍ୟ ଦୁର୍ନୀତି ମାମଲାରେ ଆମ୍ ଆଦ୍‌ମୀ ପାର୍ଟିର ମନୀଷ ଶିଶୋଦିଆ ଓ ସଞ୍ଜୟ ସିଂହ ମଧ୍ୟ ଅଭିଯୁକ୍ତ ଅଛନ୍ତି । ସେମାନଙ୍କୁ ମଧ୍ୟ ନ୍ୟାୟିକ ହାଜତରେ ରଖାଯାଇଛି ।

## ଆସାମ- ସୁବେଦାର ଫେରୱେଲ

ଭାରତୀୟ ସେନାବାହିନୀ ଆସାମ ରେଜିମେଣ୍ଟର ବରିଷ୍ଠ ସେନାନୀ ସୁବେଦାର ଥାନେସିଆଙ୍କ ପରଲୋକରେ ଦେଶ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛି। ଗତକାଲି ତାଙ୍କର ୧୦୨ ବର୍ଷ ବୟସରେ ଦେହାନ୍ତ ହୋଇଥିଲା। ପ୍ରଥମ ଆସାମ ରେଜିମେଣ୍ଟରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ସେ ସର୍ବଦା ସ୍ମରଣୀୟ ହୋଇ ରହିବେ। ଏକ ପ୍ରେସ୍ ଇସ୍ତାହାରରେ ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି, ଜାତି ପ୍ରତି ତାଙ୍କର ଜୀବନବ୍ୟାପୀ ସେବା, ପ୍ରତିବଦ୍ଧତା ଦେଶବାସୀଙ୍କ ହୃଦୟରେ ତାଙ୍କୁ ଏକ ସ୍ୱତନ୍ତ୍ର ସ୍ଥାନ ଦେବ। କୋହିମା ଏବଂ ପୂର୍ବାଞ୍ଚଳରେ ଚାଲିଥିବା ଦ୍ୱନ୍ଦ୍ୱ ସମୟରେ ସୁବେଦାର ଶ୍ରୀ ଥାନେସିଆ ଉଲ୍ଲେଖନୀୟ ଦୁଃସାହସିକ ପ୍ରଦର୍ଶନ କରିଥିଲେ। ଏପରିକି ସେବାନିବୃତ ହେବା ପରେ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବା ସହ ଶିକ୍ଷାର

ପ୍ରଚାର ପ୍ରସାର କରିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ତାଙ୍କ ଅନନ୍ୟ ସେବାକୁ ଦେଶ ସର୍ବଦା ସ୍ମରଣ କରିବ। ତାଙ୍କର କର୍ତ୍ତବ୍ୟପରାୟଣତା, ବଳିଷ୍ଠ ନେତୃତ୍ୱ, ତ୍ୟାଗ ଓ ଦୁଃସାହସ ସମସ୍ତଙ୍କୁ ପ୍ରେରଣା ଯୋଗାଇବ।

## ଆଇପିଏଲ୍ କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ' ରାଜସ୍ଥାନ ରୟାଲ୍ସକୁ ଭେଟିବ । ଏହି ମ୍ୟାଚ୍ ଆଜି ସଂଧ୍ୟା ୭ଟା ୩୦ ମିନିଟ୍‌ରେ ମୁମ୍ବାଇରେ ଖେଳାଯିବ । ଗତକାଲି ଖେଳାଯାଇଥିବା ଏକ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଚେନ୍ନାଇ ସୁପରକିଙ୍ଗ୍‌ସକୁ ୨୦ରନ୍‌ରେ ହରାଇଥିବାବେଳେ ଗୁଜୁରାତ ଟାଇଟାନ୍ସ' ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୭ ୱିକେଟ୍‌ରେ ହରାଇଥିଲା ।